

୨୦ ବର୍ଷ ● ୫ମ ସଂଖ୍ୟା ● ନଭେମ୍ବର ୨୦୧୯, ରାୟଗଡ଼ ସ୍ୱତନ୍ତ୍ର

| | |
|---|---|
| ବିଶେଷ ପ୍ରସଙ୍ଗ : | ଶରତ ସାହିତ୍ୟ |
| ରାୟଗଡ଼ ସ୍ୱତନ୍ତ୍ର: | ରାୟଗଡ଼ର ଇତିହାସ |
| | ଆସ ବୁଲିଯିବା ରାୟଗଡ |
| | ରାୟଗଡ଼ ମାଟିର ନିଆରାପର୍ବ |
| | ରାୟଗଡ଼ ରାଜନୀତି: ଆମ ପ୍ରତିନିଧ |
| ସାହିତ୍ୟ : | ୫ଟି ଗଳ୍ପ, ୮ଟି କବିତା |
| ନିୟମିତ : | ରାଶିଫଳ, ଆମ ରୋଷେଇ, ଘରକରଣା ଓ ଅନ୍ୟାନ୍ୟ। |

## ବିଶେଷ ପ୍ରସଙ୍ଗ: ଶରତ ସାହିତ୍ୟ

ଶରତ ସମୟରେ ଶରତ ସାହିତ୍ୟକୁ ସମସ୍ତଙ୍କର ଅପେକ୍ଷା ରହିଥାଏ। ସେହି ଅପେକ୍ଷାକୁ ପୂରଣ କରିବାକୁ ଦୁଇ ହଜାର ଉଣେଇଶ ଶରତରେ ପ୍ରକାଶ ପାଇଛି ଅନେକ ଓଡ଼ିଆ ପତ୍ରିକାର ଶାରଦୀୟ ବିଶେଷାଙ୍କ। ଏ ସମ୍ପର୍କରେ ଏକ ସଂକ୍ଷିପ୍ତ ଆକଳନ... । ପରିକଳ୍ପନା: ଇତି ସାମନ୍ତ

## ବିଶେଷ ପ୍ରସଙ୍ଗ: ବିଶ୍ୱ କବି ସମ୍ମିଳନୀ ୨୦୧୯

ଅକ୍ଟୋବର ୨ରୁ ୬ ଯାଏ 'କିଟ୍' ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି ବିଶ୍ୱ କାବ୍ୟ ଜଗତର କୁମ୍ଭମେଳା ବିଶ୍ୱ କବି ସମ୍ମିଳନୀ। 'କିଟ୍', 'କିସ୍' ଓ 'କାଦମ୍ବିନୀ'ର ପ୍ରତିଷ୍ଠାତା ତଥା ସାଂସଦ ଡ. ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମର ଫଳସ୍ୱରୂପ ତୃତୀୟଥର ଲାଗି ଭାରତରେ ଏବଂ ପ୍ରଥମଥର ପାଇଁ ଓଡ଼ିଶାରେ ଏହା ଆୟୋଜିତ ହୋଇଥିଲା। ଅନେକ ଦୃଷ୍ଟିରୁ ଭିନ୍ନ ଓ ନିଆରା ତଥା ସ୍ୱତନ୍ତ୍ର ଏହି ୩୯ତମ ବିଶ୍ୱ କବି ସମ୍ମିଳନୀ ସମ୍ପର୍କରେ 'କାଦମ୍ବିନୀ'ର ଏକ ସ୍ୱତନ୍ତ୍ର ଉପସ୍ଥାପନା। (କାଦମ୍ବିନୀ ବ୍ୟୁରୋ)

## ରାୟଗଡ଼ ସ୍ୱତନ୍ତ୍ର: ରାୟଗଡ଼ର ଇତିହାସ

### ଲେଖକ: ଶ୍ରୀରଙ୍ଗ ନାୟକ

ରାୟଗଡ଼ର ପ୍ରାଚୀନ ଐତିହ୍ୟର ଆଲୋଚନା କଲାବେଳେ ପ୍ରାଚୀନ କୋରାପୁଟର ଐତିହ୍ୟକୁ ବାଦ ଦେଇ ହେବନି। କାରଣ ପ୍ରାଚୀନ କୋରାପୁଟର ଏହା ଏକ ମୁଖ୍ୟଅଂଶ। ରାୟଗଡ଼ର ନନ୍ଦପୁର ମହାରା ବିଶ୍ୱନାଥ ଦେବ ଖ୍ରୀ ୧୫୨୭ରେ ଏକ ମାଟିଦୁର୍ଗ ନିର୍ମାଣ କରି ନାମ ରଖିଲେ 'ରାୟଗଡ଼'। ବ୍ରଜସୁନ୍ଦର ମହାରଥା ପାତ୍ର ତାଙ୍କ ତ୍ରିଗୁଣ ଭାରତରେ ରାଗୟଡ଼ର କଥା କହିଛନ୍ତି।

## ରାୟଗଡ଼ ସ୍ୱତନ୍ତ୍ର: ଆସ ବୁଲିଯିବା ରାୟଗଡ଼

### ଲେଖକ: ଉମାରୁଧର ପଟ୍ଟନାୟକ

ପ୍ରାକୃତିକ ଶୋଭାର ଭଣ୍ଡାର ରାୟଗଡ଼। ଏହାର ଜାଙ୍ଗଲିକ ସୁଷମା, ସୁଉଚ୍ଚ ପାହାଡ଼ମାଳା, ଚିରସ୍ରୋତା ନଦନଦୀ, ଖଣିଜ ସମ୍ପଦ, ଦେବଦେବୀ ପୀଠ, କ୍ଷୁଦ୍ର ଜଳପ୍ରପାତ ଆଦି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ତେଣୁ ରାୟଗଡ଼କୁ ନିକଟରୁ ଦେଖିବାକୁ ହେଲେ ଆମକୁ ଏହାର ବିବିଧ କ୍ଷେତ୍ର ପରିଦର୍ଶନ କରିବାକୁ ହେବ। ଏହା କହିବା ବାହୁଲ୍ୟମାତ୍ର ଯେ ଥରେ ଯିଏ ରାୟଗଡ଼ ବୁଲି ଦେଖିବ ତାକୁ ବାରମ୍ବାର ଦେଖିବାକୁ ଇଚ୍ଛାହେବ। ଉଲ୍ଲେଖଯୋଗ୍ୟ ଯେ ପ୍ରାଶାସନିକ ସୁବିଧା ପାଇଁ ଅବିଭକ୍ତ କୋରାପୁଟ ଜିଲ୍ଲାରୁ ଅଲଗା ହୋଇ ୧୯୯୨ରେ ରାୟଗଡ଼ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପାଇଥିଲା।

## ରାୟଗଡ଼ ସ୍ୱତନ୍ତ୍ର: ରାୟଗଡ଼ ମାଟିର ନିଆରାପର୍ବ

### ଲେଖକ: ବାସୁଦେବ ପାତ୍ର

ବିତ୍ର ଏଇ ମାଟି। ମହାନ ଏହାର କଳା ଆଉ ସଂସ୍କୃତି। ଏ ମାଟିର ମହକରେ ଭରି ରହିଛି ଗୋଟାପଣେ ବାନ୍ଧି ରଖିବାର ନିଆରା ବାସ୍ନା। ନିଘଞ୍ଚ ବନଭୂମିରେ ଏଠି ଉତୁରି ପଡୁଛି ଆପଣା ଆପଣା ଭାବ। ପାହାଡ଼ର ଟାଖ ଛୁଇଁ ଭାସି ଯାଉଥିବା ମେଘ ଖଣ୍ଡରେ ଏଠି ମେଘଦୂତର କବିତା ଲେଖା ଯାଇପାରେ।

## ରାୟଗଡ଼ ସ୍ୱତନ୍ତ୍ର: ରାୟଗଡ଼ ରାଜନୀତି: ଆମ ପ୍ରତିନିଧି

ତିନିଟି ବିଧାନସଭା ନିର୍ବାଚନମଣ୍ଡଳୀ; ଯଥା: ଗୁଣୁପୁର, ବିଷମ କଟକ ଓ ରାୟଗଡ଼କୁ ନେଇ ରାୟଗଡ଼ ଜିଲ୍ଲା ଗଠନ ହୋଇଥିବାବେଳେ କୋରାପୁଟ ଲୋକସଭା ଆସନ ଅଧୀନରେ ରହିଛି ରାୟଗଡ ଜିଲ୍ଲା। ଉଲ୍ଲେଖନୀୟ ବିଷୟ ଏହି ଯେ, ଉଭୟ ଲୋକସଭା ଆସନ ଓ ତିନିଟି ବିଧାନସଭା ଆସନ ଅନୁସୂଚିତ ଜନଜାତି ବା ଏସ୍.ଟିଙ୍କ ପାଇଁ ସଂରକ୍ଷିତ। ସାକ୍ଷାତ ଓ ଉପସ୍ଥାପନା: ଅମିତାଭ ଖିଲାର

## ରାୟଗଡ଼ ସ୍ୱତନ୍ତ୍ର: ରାୟଗଡ଼ର ନିଆରା ଡଙ୍ଗରିଆ ସମାଜ

### ଲେଖକ: ଅମୂଲ୍ୟରତ୍ନ ସାହୁ

ନିୟମଗିରି ପାହାଡ଼ରେ ବସବାସ କରୁଥିବା ଏହି ଜନଜାତି ଡଙ୍ଗରିଆମାନେ ନିୟମ ରାଜାର ନିୟମରେ ବନ୍ଧା। ପାହାଡ଼ର ଢାଲୁ ଅଞ୍ଚଳରେ ବସବାସ କରି ବିଭିନ୍ନ ପ୍ରକାରର ଚାଷ କରି ଏମାନେ ଜୀବିକା ନିର୍ବାହ କରନ୍ତି।

## ରାୟଗଡ଼ ସ୍ୱତନ୍ତ୍ର: ପରମ୍ପରାରେ ବନ୍ଧା ରାୟଗଡ଼ର ଆଦିବାସୀ

### ଲେଖିକା: ବିଦ୍ୟୁଲତା ହୁଇକା

ଆଦିବାସୀ ଶିଶୁଟି ଯେତେବେଳେ ପଢ଼ିବାକୁ ଯାଏ, ସେତେବେଳେ ହଠାତ୍ ତା'ର ମାତୃଭାଷା ଯାହାକି ଆଦିବାସୀ ଭାଷାରୁ ଓଡ଼ିଆ ଭାଷାକୁ ଲମ୍ଫ ପ୍ରଦାନ କରେ। ଅଧିକାଂଶ ଓଡ଼ିଆ ଶବ୍ଦ ତା'ର ବୋଧଗମ୍ୟ ହୁଏନାହିଁ। ଆଦିବାସୀ ଓ ଓଡ଼ିଆ ଭାଷାରେ ଥିବା କେତେକ ଶବ୍ଦର ସାମଞ୍ଜସ୍ୟ ତା' ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରେ, ଯଥା: କନ୍ଧ ଆଦିବାସୀ କୁଇ ଭାଷାରେ ଭାତକୁ 'ଅଣ୍ଡା' ଓ ଚଢ଼େଇକୁ 'ପଟା' ବୋଲି କହିଥାନ୍ତି। ଅଥଚ ଓଡ଼ିଆରେ କୁକୁଡ଼ା ଅଣ୍ଡା ଦିଏ ଓ ସିଲଟ ପଟାରେ ଲେଖାଯାଏ ବୋଲି ଯେତେବେଳେ ଶିକ୍ଷକ କୁହନ୍ତି, ତା' ମନରେ ସ୍ୱାଭାବିକ ଭାବେ ଦ୍ୱନ୍ଦ୍ୱ ଜାତ ହୁଏ।

## ରାୟଗଡ଼ ସ୍ୱତନ୍ତ୍ର: ରାୟଗଡ଼ର ଖାଦ୍ୟ ସଂସ୍କୃତି

### ଲେଖିକା: ପ୍ରଣତି ପାତ୍ର

ପାହାଡ଼, ସୁଉଚ୍ଚ ପର୍ବତମାଳା, ଝରଣା, ନଦୀ ଓ ସବୁଜ ସୁନ୍ଦର ବନାନୀ ଏହିଭଳି ପ୍ରକୃତି କୋଳରେ ଅବସ୍ଥିତ ରାୟଗଡ଼ ଜିଲ୍ଲା। ଏଠାକାର ଭାଷା, ସଂସ୍କୃତି, ଜୀବନଯାପନ ଶୈଳୀ, କଥା କହିବାର ଶୈଳୀ, ଦୈନନ୍ଦିନ ଚଳଣି, ପରମ୍ପରା, ପର୍ବପର୍ବାଣି ଇତ୍ୟାଦି ସବୁକିଛି ନିଆରା। ରାୟଗଡ଼ ଜିଲ୍ଲାର ଖାଦ୍ୟ ପ୍ରସ୍ତୁତି ପ୍ରଣାଳି କିଛିଟା ଭିନ୍ନ ଧରଣର ହୋଇଥାଏ। ସେଠାକାର ମିଶ୍ରିତ ଖାଦ୍ୟ ପରମ୍ପରା ଓ ସଂସ୍କୃତିରୁ କିଛିକିଛି ଏଠାରେ ଉଲ୍ଲେଖ କରାଯାଇଛି। ଏହିଭଳି ବିବିଧ ଖାଦ୍ୟ ମଧ୍ୟରୁ କେତୋଟି ଖାଦ୍ୟ ପ୍ରସ୍ତୁତିର ବର୍ଣ୍ଣନା ମଧ୍ୟ ଏଠାରେ ଉପସ୍ଥାପନ କରାଯାଇଛି।

## ରାୟଗଡ଼ ସ୍ୱତନ୍ତ୍ର: ରାୟଗଡ଼ର ରୂପକାର

### ଲେଖକ: ବିଘ୍ନେଶ୍ୱର ସାହୁ

୧୯୯୨ ମସିହା ଗାନ୍ଧୀ ଜୟନ୍ତୀ ଅବସରରେ ଅବିଭକ୍ତ କୋରାପୁଟ ଜିଲ୍ଲାରୁ ପୃଥକ ହୋଇ ରାୟଗଡ଼ ଏବଂ ଗୁଣୁପୁର ଦୁଇଟି ସବ୍‌ଡିଭିଜନ୍‌କୁ ନେଇ ରାୟଗଡ଼ ଜିଲ୍ଲା ଗଠିତ ହେଲା। ରାୟଗଡ଼ର ଇତିହାସ ବେଶ୍ ପ୍ରାଚୀନ। ଏହାର ସଂସ୍କୃତି ମଧ୍ୟ ବେଶ୍ ସମ୍ଭ୍ରାନ୍ତ। ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଜନ୍ମସ୍ଥାନ ଏହି ରାୟଗଡ଼। ସେହି ବିଶିଷ୍ଟ ବ୍ୟକ୍ତି ବା ରୂପକାରଙ୍କ ପ୍ରତିଭାରେ ପ୍ରତିଭାତ ହେଉଛି ରାୟଗଡ଼। ରାୟଗଡ଼ର ସେମିତି କିଛି ବିଶିଷ୍ଟ ସ୍ମରଣୀୟ ରୂପକାରଙ୍କୁ ମନେପକେଇବାର ପ୍ରୟାସ ଏହି ଆଲେଖ୍ୟ।

## ରାୟଗଡ଼ ସ୍ୱତନ୍ତ୍ର: ସଙ୍ଗୀତର ଶିରୋମଣି: ପଣ୍ଡିତ ସୁରମଣି

ଓଡ଼ିଆ ସଙ୍ଗୀତ ଜଗତରେ ସୁରମଣି ପଣ୍ଡିତ ଡ. ରଘୁନାଥ ପାଣିଗ୍ରାହୀ ଜଣେ ଅନନ୍ୟ ପ୍ରତିଭାଧାରୀ ବ୍ୟକ୍ତିତ୍ୱ। ଓଡ଼ିଶୀ ସଂସ୍କୃତି ଦ୍ୱାରା ଅନୁପ୍ରାଣିତ ତାଙ୍କର ଗାୟନ ଶୈଳୀ ବିଶ୍ୱର ସଙ୍ଗୀତ ପ୍ରେକ୍ଷାପଟରେ ନିଜସ୍ୱ ଏକ ପରିଚୟ ସୃଷ୍ଟି କରିଛି। ସମଗ୍ର ଭାରତରେ ସେ ଜୟଦେବଙ୍କର ଅମର କୃତି 'ଗୀତ ଗୋବିନ୍ଦ'ର ସାଙ୍ଗୀତିକ ଉପସ୍ଥାପନା ପାଇଁ ପ୍ରସିଦ୍ଧି ଲାଭ କରିଛନ୍ତି। ପଣ୍ଡିତ ପାଣିଗ୍ରାହୀ ହେଉଛନ୍ତି ରାୟଗଡ଼ ଜିଲ୍ଲାର ଗର୍ବ ଓ ଗୌରବ। 'କାଦମ୍ବିନୀ' କେବେ କାହାକୁ ଭୁଲେନାହିଁ। ଭୁଲିନାହିଁ ମଧ୍ୟ ପଣ୍ଡିତ ପାଣିଗ୍ରାହୀଙ୍କୁ। ରାୟଗଡ଼ ଜିଲ୍ଲାର ଏହି କୃତବିଦ୍ୟଙ୍କୁ ସମ୍ମାନ ଜଣାଇ ତାଙ୍କୁ ସ୍ମରଣ କରୁଛି ଏହି ରାୟଗଡ଼ ସ୍ୱତନ୍ତ୍ରରେ। ତାଙ୍କର ସେହି ସାକ୍ଷାତକାରଟିକୁ ମୁଁ ପୁଣିଥିରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ଏଥିରେ ସ୍ଥାନିତ କରୁଛି। ଉପସ୍ଥାପନା : ଇତି ସାମନ୍ତ

## ରାୟଗଡ଼ ସ୍ୱତନ୍ତ୍ର: ବଞ୍ଚିବାର ମୂଲ୍ୟ କମିଗଲାଣି: ଶାନ୍ତିଦେବୀ

ଶ୍ରୀମତୀ ଶାନ୍ତି ଦେବୀ ସମାଜ ସେବାର ଜଣେ ମୂର୍ତ୍ତିମନ୍ତ ପ୍ରତୀକ। ପ୍ରକୃତ ଅର୍ଥରେ ସମାଜସେବା କ'ଣ, ତାହା ତାଙ୍କ କାର୍ଯ୍ୟାବଳୀ ଦେଖିଲେ ଜଣାପଡ଼େ। ରାୟଗଡ଼ ଜିଲ୍ଲାର ଆଦିବାସୀ ବହୁଳ ଗୁଣୁପୁର ଅଞ୍ଚଳରେ ଜନସେବାରେ ବ୍ରତୀ ଅଛନ୍ତି ଶ୍ରୀମତୀ ଶାନ୍ତି ଦେବୀ। ନିଜର ଏହି ସେବାକାର୍ଯ୍ୟ ନିମନ୍ତେ ଶାନ୍ତି ଦେବୀ ବହୁ ରାଜ୍ୟ ଓ ଜାତୀୟ ସମ୍ମାନ ଲାଭ କରିଛନ୍ତି। ତନ୍ମଧ୍ୟରେ କେତୋଟି ଉଲ୍ଲେଖନୀୟ ସମ୍ମାନ ହେଉଛି- ଯମୁନାଲାଲ୍ ବଜାଜ୍ ପୁରସ୍କାର (୧୯୯୪), ଶାରଳା ସମ୍ମାନ (୧୯୯୫), ହରିଶ୍ଚନ୍ଦ୍ର ବଢ଼ିପାତ୍ର ସମ୍ମାନ (୨୦୦୪), ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମାଜସେବୀ ସମ୍ମାନ (୨୦୦୪), ସର୍ବୋଦୟ ସମ୍ମାନ (୨୦୦୯), ଟାଇମ୍ସ ଅଫ୍ ଇଣ୍ଡିଆ ପକ୍ଷରୁ ଜୀବନବ୍ୟାପୀ ସାଧନା ସମ୍ମାନ (୨୦୧୨), ଓଡ଼ିଶା ମାନବାଧିକାର ସମ୍ମାନ (୨୦୧୪), ନିଳୀମାରାଣୀ ସମାଜସେବା ସମ୍ମାନ (୨୦୧୯) ଇତ୍ୟାଦି। ମୋ ମା' ସ୍ୱର୍ଗତା ନୀଳିମାରାଣୀ ସାମନ୍ତଙ୍କ ସ୍ମୃତିରେ ଜଣେ ମହିୟସୀ ସମାଜସେବୀଙ୍କୁ ପ୍ରଥମ 'ନୀଳିମାରାଣୀ ସମାଜସେବୀ ସମ୍ମାନ' ଦେବା ପାଇଁ ଆଲୋଚନା କଲାବେଳେ ରାୟଗଡ଼ ଜିଲ୍ଲାର ଏହି ମହାନ ସମାଜସେବୀଙ୍କ ନାଁ ମନକୁ ଆସିଥିଲା। ତାଙ୍କ ସହ ମୁଁ ଯୋଗାଯୋଗ କରିବା ପରେ ସେ ସାଦରର ସହ ମୋର ପ୍ରସ୍ତାବ ଗ୍ରହଣ କରିଥିଲେ ଏବଂ ଉତ୍ସବରେ ଉପସ୍ଥିତ ରହି ଏହି ସମ୍ମାନ ଗ୍ରହଣ କରିବାକୁ ସମ୍ମତି ପ୍ରଦାନ କରିଥିଲେ। ଏହି ଅବସରରେ ତାଙ୍କର ଏକ ସାକ୍ଷାତକାର ମୁଁ ମୋର ପ୍ରିୟ 'କାଦମ୍ବିନୀ' ପାଇଁ ନେଇଥିଲି। ସେହି କଥୋପକଥନ 'କାଦମ୍ବିନୀ'ର ପ୍ରିୟ ପାଠକଙ୍କ ପାଇଁ...। ସାକ୍ଷାତ ଓ ଉପସ୍ଥାପନା: ଇତି ସାମନ୍ତ

## ରାୟଗଡ଼ ସ୍ୱତନ୍ତ୍ର: ଅଞ୍ଚଳରେ ଅନୁରାଧା ଓ ଶ୍ରେୟାନ୍

ରାୟଗଡ଼ର ଲଳନା ଅନୁରାଧା ପାଣିଗ୍ରାହୀ ଉଭୟ ଗୀତ ଓ ଅଭିନୟରେ ଏବେ ସୁନାମ ଅର୍ଜନ କରିଚାଲିଛନ୍ତି। ସେହିଭଳି ଜଣେ ନବାଗତ ନାୟକ ଭାବେ ନିଜର ପ୍ରଥମ ଚଳଚ୍ଚିତ୍ର 'ସେଲ୍‌ଫିସ୍ ଦିଲ'ରେ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିପାରିଛନ୍ତି ଉଦୀୟମାନ ଅଭିନେତା ଶ୍ରେୟାନ୍ ଓରଫ୍ ସୁନିଲ କିରଣ ନାୟକ।

## ଗଳ୍ପ: ଗୁରୁମନ୍ତ୍ର

## ଲେଖକ: ଦ୍ୱିତୀଚନ୍ଦ୍ର ସାହୁ

ଦାଣ୍ଡରେ ସେମାନେ ନିରନ୍ତର ପାଟିକୁ ଯାହା ଆସିଲା ବକି ଯାଉଥିଲେ। ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରୁଥିଲେ। ମିଳି କାଠ ପାଲଟି ଯାଇଥିଲା। ନିଜ ଭିତରେ ସ୍ଥାଣୁ ପାଲଟି ଯାଇଥିଲା।

## ଗଳ୍ପ: ଚଷମା

## ଲେଖକ: ଭଗବାନ ଗୌଡ଼

ପରଦିନ ଚମ୍ପି ଯୋଗାଡ଼ିଲା ସମସ୍ତ ସରଞ୍ଜାମ। ପ୍ରସ୍ତୁତ କଲା ମସଲାଦିଆ ରାଗଚଣା। ମଦଭାଟି ପାଖରେ ଜାଗାଟିଏ ପ୍ରସ୍ତୁତ କରି ସେଇଠି କଲା ଦୋକାନ। ପାଞ୍ଚଟଙ୍କା ଦଶଟଙ୍କା ପାଇଁ କେତେ ପକୁଡ଼ି ଓ ରାଗଚଣା ଦେବା ଦରକାର ବୁଝାଇଦେଲା ଚମ୍ପି ଯଦୁକୁ।

## ଗଳ୍ପ: ଭିନ୍ନ ଏକ ଜୀବନ

## ଲେଖକ: ପ୍ରଭାତ କୁମାର ଶତପଥୀ

ଡାକ୍ତରାଣୀ ଶୋଭାର ପରୀକ୍ଷା ନିରୀକ୍ଷା କରି କହିଲେ, କୌଣସି ସମସ୍ୟା ନାହିଁ। ଆଉ ଘଣ୍ଟାଏ କି ଦେଢ଼ ଘଣ୍ଟାରେ ତା'ର ନର୍ମାଲ୍ ଡେଲିଭରି ହୋଇଯିବ। ଡରୁଥିଲା ଶୋଭା- ଡାକ୍ତରାଣୀ ମାଡାମ୍ କି ନର୍ସ କାଳେ ତା' ସ୍ୱାମୀ, ସମ୍ପର୍କୀୟ କଥା ପଚାରି ଦେବେ।

## ଗଳ୍ପ : ନୀଳ କଲମ

## ଲେଖକ: ପ୍ରଣବକଲ୍ପ ପଟ୍ଟନାୟକ

ନା' ନା' ଏଇ ନୀଳ ଆଉ ନାଲି ରଙ୍ଗ ପାଇଁ ସେମାନଙ୍କ ଭିତରେ ଝଗଡ଼ା ହେଉନଥିଲା। କିନ୍ତୁ ରାଧା କେବେ ନାଲି ରଙ୍ଗକୁ ଭଲପାଇନି କି ସୁଯୋଗ୍ୟ କେବେ ନୀଳ ରଙ୍ଗକୁ ପସନ୍ଦ କରିପାରିନି।

## ଗଳ୍ପ: ବୈଷ୍ଣବ ଜନତୋ ତେନେ କହିୟେ ଯେ

## ମୂଳ ତେଲୁଗୁ: କସ୍ତୁରୀ ମୂରଲୀକୃଷ୍ଣା

## ଅନୁବାଦ: ଆଶୁତୋଷ ପାତ୍ର

ଏହା ଅହିଂସା ସଂଗ୍ରାମ। କାପୁରୁଷଙ୍କ ପରି ପଳାୟନ କରିବା ନୁହେଁ। ଏବେ କହ, ମୁଁ ଗାନ୍ଧିଜୀଙ୍କୁ ଏତେ ବିଶ୍ୱାସ କରୁଥିବା ବେଳେ ବିପଦ ଆଶଙ୍କାରେ ପଳାୟନପନ୍ଥୀ ହେବି କେମିତି ? ଏପରି କଲେ ବାପୁଜୀଙ୍କ ଆଗରେ ମୁଣ୍ଡଟେକି ଠିଆ ହୋଇ ତାଙ୍କ ଆଖି ସହ ଆଖି ମିଳାଇ ପାରିବି କି ?'

## କବିତା

ଏଥର କବିତାରେ ରହିଛି: ସୁଶାନ୍ତ କୁମାର ନାୟକ୍‌ଙ୍କ 'ଶେଷ ଆଲୁଅ', ସତ୍ୟନାରାୟଣ ଗନ୍ତାୟତଙ୍କ 'ସତରେ ଇଏ କି ଜୀବନ', ରୁପେଶ ସାହୁଙ୍କ 'ଜଳି ଲିଭିଯିବା ପାଇଁ', ସୁରେନ୍ଦ୍ର କୁମାର ମଲ୍ଲିକଙ୍କ 'ପଶ୍ଚାତାପ', ଶିବସୁନ୍ଦର ପାଣିଗ୍ରାହୀଙ୍କ 'ମଦ', ଶ୍ରୀଧର ପଟ୍ଟନାୟକଙ୍କ 'କେବଳ ଗୋଟିଏ ଚାହାକପ୍', ନିରଞ୍ଜନ ନାୟକଙ୍କ 'ହୀରାଖଣ୍ଡ' ଏବଂ ରାଧାମୋହନ ପାଣିଗ୍ରାହୀଙ୍କ 'ଜୀବନ ଯାତ୍ରା'।

## ପୁସ୍ତକ ପରିକ୍ରମା: ମୁଦ୍ରିତ ନାୟିକା

## ଲେଖକ: ଅସିତ୍ ପ୍ରଧାନ

୧୯୮୦ ପରବର୍ତ୍ତୀ ସମୟ, ଯେଉଁ ସମୟକୁ ଉତ୍ତରଆଧୁନିକତାର ଚରମ ସମୟ ବୋଲି କୁହାଯାଏ। ସେହି ସମୟରେ ବିଶିଷ୍ଟ ଏବଂ ଅନ୍ୟାନ୍ୟ ପ୍ରତିଭାବାନ୍ ଔପନ୍ୟାସିକଙ୍କ ନାରୀଚରିତ୍ର ଭିତରେ ଆବେଦନ, ସଂଘର୍ଷ, ଉଦାହରଣ, ପ୍ରେରଣା, ମନସ୍ତତ୍ତ୍ୱ, ଦର୍ଶନ, କଳା, କାର୍ଯ୍ୟକାରିତା, ନାରୀତ୍ୱ, ମାନବୀତ୍ୱ, ବିସ୍ମୟ, ରହସ୍ୟ ଆଦି ଉପଦାନକୁ ଖୋଜିବା ସତରେ ଏକ କଷ୍ଟସାଧ ବ୍ୟାପାର। ମାତ୍ର ତାକୁ ଆହ୍ୱାନ ଭାବରେ ଗ୍ରହଣ କରିଥିଲେ ଡ. ସାମନ୍ତ ଏବଂ ସଫଳ ମଧ ହୋଇଥିଲେ। ତାଙ୍କର ଏହି ସନ୍ଦର୍ଭ ପରୀକ୍ଷକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା ଓ ସେ ଡକ୍ଟରେଟ୍ ଉପାଧିରେ ଭୂଷିତ ହୋଇଥିଲେ। ତାଙ୍କର ଏହି ଅନନ୍ୟ ଗବେଷଣା ନିବନ୍ଧର ଗ୍ରନ୍ଥରୂପ ହେଉଛି ଏହି 'ମୁଦ୍ରିତ ନାୟିକା'।

## କାଦମ୍ବିନୀ ପରିକ୍ରମା: ସମୀକ୍ଷକଙ୍କ ଦୃଷ୍ଟିରେ କାଦମ୍ବିନୀ

### ଲେଖକ: ନାରାୟଣ ସାହୁ

ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ'ର ପ୍ରତିଟି ସଂଖ୍ୟା ବହୁ ଦୃଷ୍ଟିରୁ ଭିନ୍ନ ଓ ସ୍ୱତନ୍ତ୍ର। ଏହି କ୍ରମରେ 'କାଦମ୍ବିନୀ'ର ଅକ୍ଟୋବର ସଂଖ୍ୟା ପୂଜା ସ୍ୱତନ୍ତ୍ର ବିପୁଳ ପାଠକୀୟ ଶ୍ରଦ୍ଧା ଲାଭ କରିଛି। ଏହି ସଂଖ୍ୟା ସମ୍ପର୍କରେ ଆଲୋଚକଙ୍କ ଅଭିମତ।

## ଘଟଣା ପ୍ରବାହ:

ମଣିଷ ଜୀବନ ଘଟଣା ବହୁଳ। ପ୍ରତି ମୁହୂର୍ତ୍ତରେ ଘଟିଚାଲିଛି କେତେକେତେ ଘଟଣା ଓ ଦୁର୍ଘଟଣା। ତେଣୁ ପ୍ରତିନିୟତ ଘଟିଯାଉଥିବା ବିଭିନ୍ନ ଘଟଣା ଉପରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିବା ନିମନ୍ତେ 'କାଦମ୍ବିନୀ'ର ଏହି ପ୍ରଚେଷ୍ଟା 'ଘଟଣା ପ୍ରବାହ'। ଆଶା, ଆପଣମାନଙ୍କୁ ଭଲ ଲାଗିବ। ଏଥିରୁ ବିଭିନ୍ନ ଘଟଣା ବିଷୟରେ ଜାଣିପାରିବା ସହ ପ୍ରିୟ 'କାଦମ୍ବିନୀ'କୁ ସାଇତି ରଖିଲେ, ଏ ଘଟଣାସବୁ ସାଇତା ହୋଇ ରହିଥିବ କାଳ କାଳକୁ। ପ୍ରସ୍ତୁତି: କାଦମ୍ବିନୀ ବ୍ୟୁରୋ

## ଚଳନ୍ତିକା:

'କାଦମ୍ବିନୀ'ର ଶାରଦୀୟ ବନ୍ଧୁମିଳନ, 'କଥା କଳିକା' ଆଞ୍ଚଳିକ ସାହିତ୍ୟିକ ସମାବେଶ, ଇତି ସାମନ୍ତଙ୍କୁ ମଙ୍ଗୋଲିଆର 'ହେଭେନ୍‌ଲି ହର୍ସ ସମ୍ମାନ', ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ପାଠଚକ୍ର, ଭାରତୀୟ ବିଦ୍ୟା ଭବନର ସମାବର୍ତ୍ତନ ଉତ୍ସବ।

## ମନୋରଞ୍ଜନ:

ଏ ମାସର ମନୋରଞ୍ଜନ ପୃଷ୍ଠାରେ ଅଛି: **ସହିଦ ରଘୁ ସର୍ଦ୍ଦାର, ମତେ ଇଷ୍କ ହେଲାରେ, ମାଲ୍ ମହୁ ଜୀବନ ମାଟି, କୋଇ ଜାନେ ନା, ଦବଙ୍ଗ-୩ ଏବଂ ପତି, ପତ୍ନୀ ଔର ୱ।**

## ରାଶିଗଣନା ଓ ତିଥି-ବାର-ବେଳା

ନଭେମ୍ବର ମାସର ରାଶିଫଳ ସାଙ୍ଗକୁ ଡିସେମ୍ବର ଓ ନଭେମ୍ବର ମାସରେ ପଡୁଥିବା ବିଭିନ୍ନ ପର୍ବପର୍ବାଣି, ଜନ୍ମତିଥି ଇତ୍ୟାଦି ରହିଛି।

## ଘରକରଣା

ଏଥର ମଧ୍ୟ ଘରକରଣାରେ ରହିଛି କେତୋଟି ଘର ଉପଯୋଗୀ ଟିପ୍ସ।

## ରୂପଚର୍ଯ୍ୟା

ଏଥର ମଧ୍ୟ ରୂପଚର୍ଯ୍ୟାରେ ରହିଛି କେତୋଟି ରୂପ ଉପଯୋଗୀ ଟିପ୍ସ।

## ସ୍ୱାସ୍ଥ୍ୟ ସୂଚନା: ନିଦ୍ରାହୀନତା

ସୁସ୍ଥଭାବେ ବଞ୍ଚିବା ପାଇଁ ଖାଦ୍ୟପେୟ ଯେପରି ଗୁରୁତ୍ୱପୂର୍ଣ୍ଣ, ସେହିଭଳି ନିଦ ମଧ୍ୟ ଆବଶ୍ୟକ। ମାତ୍ର ବେଳେବେଳେ କିଛି କାରଣ ପାଇଁ ଆମକୁ ନିଦ୍ରାହୀନତା ଭଳି ରୋଗର ଶିକାର ହେବା ପାଇଁ ପଡ଼ିଥାଏ। ନିଦ୍ରାହୀନତା (Insomnia) ହେଉଛି ନିଦ୍ରାଜନିତ ଏକ ରୋଗ, ଯେଉଁଥିରେ ଲୋକକୁ ଶୋଇବାରେ ଅସୁବିଧା ହୁଏ। ଶୋଇବା ମଝିରେ ବାରମ୍ବାର ବିନା କାରଣରେ ନିଦ ଭାଙ୍ଗିଯାଇଥାଏ। ଏହି ରୋଗରେ ବ୍ୟକ୍ତିକୁ ଦିନରେ ନିଦ ଲାଗେ, ଚିଡ଼ଚିଡ଼ା ଲାଗେ ଓ ଅବସାଦ ଭୋଗ ହୁଏ। ତେବେ ଏଥରର 'କାଦମ୍ବିନୀ'ର ସ୍ୱାସ୍ଥ୍ୟ ସୂଚନା ପୃଷ୍ଠାରେ ଆସନ୍ତୁ ଏହି ରୋଗର ଲକ୍ଷଣ ଓ ପ୍ରତିକାର ସମ୍ବନ୍ଧରେ କିଛି କଥା ଜାଣିବା।

■■■